

ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଶେଷରେ ଲେଖନୀର ହିଁ ଜୟ ହୁଏ।
-ନେପୋଲିୟନ



## ■ କୃଷି ପାଇଁ ଯୋଜନା ଅନେକ, କୃଷକର ବିକାଶ ନିରାଶାଜନକ

# ୨୦ ବର୍ଷ ଭିତରେ ବଦଳିନି ଚାଷ-ଚାଷୀର ଭାଗ୍ୟ

**ପବନ ପାଣିଗ୍ରାହୀ**
**ଜୟପୁର,୧୪।୯**

ଉପାନ୍ତ ତଥା ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାର ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। କୃଷିର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଜିଲାରେ କାର୍ଯ୍ୟକାରୀ କରିଛନ୍ତି। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ, ଆତ୍ମା, ଲଘୁ ଖାଦ୍ୟଶସ୍ୟ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସହ ଗତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଦେବା ପାଇଁ କାଳିଆ ଯୋଜନା ମଧ୍ୟ କରିଛନ୍ତି। କିନ୍ତୁ ବିଡ଼ମ୍ବନା ହେଉଛି, ଏସବୁ ସତ୍ତ୍ୱେ ଗତ ୨୦ ବର୍ଷ ଭିତରେ ଜିଲାର ଚାଷ-ଚାଷୀର ଭାଗ୍ୟ ବଦଳି ନାହିଁ। କୃଷିକ୍ଷେତ୍ରରେ ଚାଷ, ଉତ୍ପାଦନ ନିରୁତ୍ସାହଜନକ ରହିଛି।

### ସେଚ ଅଭାବ ମୁଖ୍ୟ କାରଣ

ଜିଲାରେ କୃଷିର ଅବନତି ପାଇଁ ଆବଶ୍ୟକ ଜଳସେଚନର ଅଭାବ ଏକ ପ୍ରମୁଖ କାରଣ। ଜିଲାରେ ୩୦୧୦୦୦.୫ ହେକ୍ଟର ଚାଷଜମି ଥିବାବେଳେ ଏଥିରୁ ୨୯୬୦୦୦ ହେକ୍ଟରରେ ଚାଷ କରାଯାଉଛି। ଜିଲାର ୧୪ଟି ବ୍ଲକ ଅଧୀନ ୨୨୬ ପଞ୍ଚାୟତ ଓ ୨୦୨୮ଟି ଗ୍ରାମରେ ଚାଷକାମ ଚାଲିଛି। କୋରାପୁଟ ଜିଲାର କ୍ଷୁଦ୍ର ଜଳସେଚନ ବିଭାଗରେ ଥିବା ୧୨୯୬ଟି ଉଠା ଜଳସେଚନ ପଏଣ୍ଟ ମଧ୍ୟରୁ ୧୮୧ଟି ଅଚଳ ପଡ଼ିଛି। ସେଥିଲାଗି ୪ ହଜାର ୧୩୯ ହେକ୍ଟର ଜମିରେ ଜଳସେଚନ ହୋଇପାରୁ ନାହିଁ। ପ୍ରତି ବର୍ଷ ଜିଲାର ୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ଖରିଫ ଏବଂ ୯୪ ହଜାର ହେକ୍ଟର ଜମିରେ ରବି ଫସଲ କରାଯାଉଛି। ଅପର କୋଲାବ ଜଳସେଚନ ପ୍ରକଳ୍ପ ଦ୍ୱାରା ଖରିଫ ଋତୁରେ ୪୩ ହଜାର ୮୦୦ ହେକ୍ଟର ଓ ରବିଋତୁରେ ୨୫୫୭୦ ହଜାର ହେକ୍ଟରେ ଜମିରେ କେନାଲ ଦ୍ୱାରା ଜଳସେଚନ କରାଯିବା ସୁବିଧା ରହିଛି। ଖରିଫ ଋତୁରେ ଚାଷ ବର୍ଷାଜଳ ଉପରେ ନିର୍ଭରଶୀଳ ଥିବାବେଳେ ରବି ଋତୁରେ ଜଳସେଚନର ଅଭାବ ଯୋଗୁ ଚାଷ ଅନିଶ୍ଚିତତା ଭିତରେ ରହୁଛି। ବୋରିଗୁମ୍ମା ବ୍ଲକରେ ୨୦୦୩ରେ ଆରମ୍ଭ ହୋଇ ୨୦୧୯ରେ ଉଦ୍‌ଘାଟିତ ହେଲା ତେଲେଙ୍ଗିରି ପ୍ରକଳ୍ପ। କିନ୍ତୁ ଏହାର ନିଜର ଟାର୍ଗେଟ୍ ଅନୁଯାୟୀ ଚାଷଜମିରେ ଜଳସେଚନ କରିପାରୁ ନାହିଁ। ଜିଲାରେ ଅନେକ ଜଳଛାୟା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲେ ମଧ୍ୟ ତାହା କାମରେ ଲାଗୁନାହିଁ। ଜିଲାର ପ୍ରାୟ ୭୦ ଭାଗ ତଳମୁଣ୍ଡ କେନାଲରେ ପାଣି ପହଞ୍ଚି ପାରୁନାହିଁ।

### କୃଷି ବିଭାଗରେ ଚୌକି ଖାଲି

କୃଷି ବିଭାଗରେ ମୋଟ ୩୦୧ ପଦବୀରୁ ୧୮୫ ଜଣ ଥିବାବେଳେ ୧୧୬ଟି ଖାଲି ପଡ଼ିଛି। କୃଷି ବିଭାଗର ଅଧିକାଂଶ କର୍ମଚାରୀ ଚାଷୀଙ୍କ ସହ ଯୋଗାଯୋଗ ରଖି କାମ କରୁନାହାନ୍ତି। ଜିଲାରେ ମଞ୍ଜୁର ୯୩ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ମଧ୍ୟରୁ ୮୩ ଜଣ ଥିବାବେଳେ ୧୦ଟି ଖାଲି ପଡ଼ିଛି। ୧୪୮ଟି କୃଷି ଅଧିଦର୍ଶକ ପଦବୀରୁ ୭୭ ଜଣ ଥିବାବେଳେ ୭୧ଟି ଖାଲି ରହିଛି। ୬୦ଟି ସହକାରୀ କୃଷି ଅଧିକାରୀ ପଦବୀରୁ ୨୫ ଜଣ କାମ କରୁଥିବା ବେଳେ ୩୫ ଜଣ ନାହାନ୍ତି। ଅଧିକାଂଶ ବିଭାଗୀୟ କର୍ମଚାରୀ ଦୂରଦୁରାନ୍ତରୁ ଆସୁଥିବା ଚାଷୀଙ୍କ ସହ ସମ୍ପର୍କ ରଖିପାରୁ ନାହାନ୍ତି। ଚାଷୀମାନେ ପଞ୍ଚାୟତ ଓ ବ୍ଲକ ସଦରକୁ ଆସି କୃଷି ବିଭାଗ କର୍ମଚାରୀଙ୍କୁ ନ ପାଇ ନିରାଶ ହେଉଛନ୍ତି। ସେମାନଙ୍କୁ କୃଷି ପାଇଁ ପରାମର୍ଶ କିମ୍ବା ବିହନ କିମ୍ବା ବିଭିନ୍ନ କୃଷି ଯନ୍ତ୍ରପାତି ଠିକ୍ ସମୟରେ ମିଳିପାରୁ ନାହିଁ।

ଏସବୁ ବ୍ୟତୀତ ଉନ୍ନତ ମାନର ବିହନ ଯୋଗାଣରେ ଅନିୟମିତତା, ଆଧୁନିକ ଜ୍ଞାନ କୌଶଳ ସମ୍ପର୍କରେ ଚାଷୀ ଅବଗତ ହୋଇ ନପାରିବା, ଋଣ ଦେବାରେ ବ୍ୟାଙ୍କ ଓ ସମବାୟ ବିଭାଗର ଟାଳଟୁଳ ନୀତି, ମଜୁରି ବୃଦ୍ଧି, ଅନାବୃଷ୍ଟି, ମଣ୍ଡିରେ ଧାନକିଣା ସମସ୍ୟା, ଦଲାଲଙ୍କ ପ୍ରାଦୁର୍ଭାବ, ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ, କୃଷକଙ୍କ ପାଇଁ ପ୍ରୋତ୍ସାହନ ଘୋଷଣା ନ ହେବା ଭଳି କାରଣ କୃଷିର ବିକାଶରେ ବାଧକ ସାଜିଛି। ଏ ସମ୍ପର୍କରେ ଜୟପୁର ସ୍ଥିତ କୃଷି ଉପନିର୍ଦ୍ଦେଶକ ପ୍ରଦୀପ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ ଯେ ୨୦୦୭-୦୮ରୁ ସରକାରଙ୍କ ବିଭିନ୍ନ ଯୋଜନା ଜିଲାରେ କାର୍ଯ୍ୟକାରୀ କରାଯାଇଛି। ଏହି ସବୁ ଯୋଜନା ଅନୁଯାୟୀ ଚାଷୀଙ୍କୁ ସଚେତନ କରାଯାଇ ଚାଷର ଉନ୍ନତି କରିବା ସହ କୃଷକର ମଧ୍ୟ ଉନ୍ନତି ପାଇଁ ଚେଷ୍ଟା ଜାରି ରହଛି।

## ସଂକ୍ଷେପରେ

### ସରସ୍ୱତୀ ବିଦ୍ୟାମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



ଦାମନଯୋଡ଼ି,୧୪।୯(ଡି.ଏନ୍.ଏ.): ନାଲ୍‌କୋ ଶିକ୍ଷାଞ୍ଚଳ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଶୁକ୍ରବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅପରାହ୍ନରେ ବିଦ୍ୟାମନ୍ଦିରର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଓ ତାର ଆଖପାଖରେ ସଫେଇ କାର୍ଯ୍ୟ କରିବା ସହ ସ୍ୱଚ୍ଛ ଭାରତ ଉପଲକ୍ଷେ ବିଭିନ୍ନ ସ୍ଲୋଗାନ ଓ ଧ୍ୱନି ଦେଇ ନଗର ପରିକ୍ରମା କରିଥିଲେ। କ୍ରୀଡ଼ା ଶିକ୍ଷକ ଡ. ନିରୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ଡ. ଅଶୋକ ମହାନ୍ତି, ବିକ୍ରମ ଚରଣ ସ୍ୱାଇଁ, ଅମୂଲ୍ୟ ସାହୁ, ରବୀନ୍ଦ୍ର ସାହୁ, ଗୀତିପୁଷ୍ପା ସାମଲ, ରାଜେନ୍ଦ୍ର ପଣ୍ଡା, ରାଜଶ୍ରୀ ତ୍ରିପାଠୀ, ଭାରତୀ ସାହୁ, ଧନେଶ୍ୱର ମହାପାତ୍ର ସାମିଲ ହୋଇଥିଲେ।

### ନାଗରିକ କମିଟି କାର୍ଯ୍ୟକାରିଣୀ ବୈଠକ

ଜୟପୁର,୧୪।୯(ନି.ପ୍ର.): ଜୟପୁର ପୁରୁଣା ବ୍ୟାଙ୍କ କଲୋନି ସ୍ଥିତ କମ୍ୟୁନିଟି ହଲ୍‌ରେ ନାଗରିକ କମିଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସଭାପତି ମୀନକେତନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ଗୀତା ପ୍ରକାଶ ମିଶ୍ର କାର୍ଯ୍ୟସୂଚୀ ଉପରେ ଆଲୋଚନା କରିଥିଲେ। ଅକ୍ଟୋବରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ସାନ୍ଧ୍ୟ ଫଙ୍କସନ ହଲରେ ପାଳନ କରିବା ପାଇଁ ସ୍ଥିର ହୋଇଛି। ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲାପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ, ଐତିହାସିକ ଜଗନ୍ନାଥ ସାଗରରୁ ଜବରଦଖଲ ଉଚ୍ଛେଦ କରିବାକୁ ତହସିଲଦାର ସହ ସାକ୍ଷାତ ପାଇଁ ନିଷ୍ପତ୍ତି, ଜୟପୁର ଘାଟିରୁ ଖୁବ୍‌ଶୀଘ୍ର ବିମାନ ଚଳାଚଳ କରିବ ବୋଲି ପ୍ରଧାନମନ୍ତ୍ରୀ ଦପ୍ତର ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟରୁ କମିଟିର ସମ୍ପାଦକଙ୍କୁ ଇ-ମେଲ ଆସିଥିବା ଆଲୋଚନା ହୋଇଥିଲା। ସେହିପରି ଜମି ହସ୍ତାନ୍ତରଯୋଗ୍ୟ ନୁହେଁ ଉଚ୍ଛେଦ ଦାବି ନେଇ ମଧ ଆଲୋଚନା କରାଯାଇଥିଲା। ବୈଠକରେ ସୁରେଶ ଦାଶ, ନିର୍ମଳ ମଲ୍ଲିକ, ପ୍ରଫୁଲ୍ଲ ତ୍ରିପାଠୀ, ପରମେଶ୍ୱର ପାତ୍ର, ରାମକୃଷ୍ଣ ସାହୁ, କୃଷ୍ଣ କେଶବ ଷଡ଼ଙ୍ଗୀଙ୍କ ସହ ୧୪ ଜଣ ସଭ୍ୟ ଉପସ୍ଥିତ ଥିବାବେଳେ କମିଟିର ଉପସଭାପତି ମଦନ ମୋହନ ନାୟକ ଧନ୍ୟବାଦ ଦେଇଥିଲେ।

### ସ୍ୱଦେଶୀ ଜାଗରଣ ମଞ୍ଚର ଜିଲା ସମ୍ମିଳନୀ




କୋରାପୁଟ,୧୪।୯(ସ୍ୱ.ପ୍ର.): କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଶନିବାର ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରଥମ ଜିଲା ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ମଞ୍ଚର ପ୍ରାନ୍ତ ସହ ପ୍ରଚାର ପ୍ରମୁଖ ମନୋରଞ୍ଜନ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚର ରାଷ୍ଟ୍ରୀୟ ସଂଗଠକ କାଶ୍ମୀର ଲାଲଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସ୍ୱଦେଶୀ ସାମଗ୍ରୀର ବ୍ୟବହାର ସାଙ୍ଗକୁ ସ୍ୱଦେଶୀ ଜ୍ଞାନ କୌଶଳ ବିନିଯୋଗ କରି ଭାରତରେ କାରଖାନା ପ୍ରତିଷ୍ଠା କରିବା ପାଇଁ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ପୂର୍ବତନ ଜିଲାପାଳ ତଥା ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟିର ସଂପାଦକ ଗଦାଧର ପରିଡ଼ା, ଓଡ଼ିଶା ପ୍ରାନ୍ତ ସହ ସଂଗଠକ ପ୍ରଭାସ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ଟି.ଏନ୍. ମୂର୍ତ୍ତି, କାର୍ଯ୍ୟକ୍ରମ ପ୍ରମୁଖ ରବିନାରାୟଣ ମିଶ୍ର ଉପସ୍ଥିତ ଥିଲେ। ବର୍ତ୍ତମାନର ମାନ୍ଦା ଅବସ୍ଥା ଦୂର କରିବା ପାଇଁ ସ୍ୱଦେଶୀ ଜ୍ଞାନ କୌଶଳର ବ୍ୟବହାର କରିବା ସହ ସ୍ୱଦେଶୀ ଜିନିଷ ବ୍ୟବହାର କରିବାକୁ ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ସ୍ୱଦେଶୀ ଜାଗରଣ ମଞ୍ଚର କାର୍ଯ୍ୟଧାରା ଉପରେ ବିସ୍ତୃତ ଆଲୋଚନା କରାଯିବ। ଏହି ସମ୍ମିଳନୀକୁ ସ୍ୱଦେଶୀ ଜାଗରଣ ମଞ୍ଚର ସୌମେନ୍ଦ୍ର ସ୍ୱାଇଁ, ସୁଧାଂଶୁ ପଟ୍ଟନାୟକ, କୃଷ୍ଣପ୍ରସାଦ ପଟ୍ଟନାୟକ, ମୃତ୍ୟୁଞ୍ଜୟ ଶତପଥୀ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ଲୋକ ଅଦାଲତ ବନ୍ଦକଲେ ଓକିଲ

ଜୟପୁର,୧୪।୯(ଡି.ଏନ୍.ଏ./ନି.ପ୍ର.)

ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘ ଶନିବାର ତୃତୀୟ ଜାତୀୟ ଲୋକ ଅଦାଲତ ବନ୍ଦ କରିଛି। ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ନେଇ ଜିଲା ଆଇନଜୀବୀ ସଂଘ ସମେତ ଦକ୍ଷିଣ ଓଡ଼ିଶାର ୪ଟି ଜିଲାର ବିଭିନ୍ନ ଆଇନଜୀବୀ ସଂଘ ଆନ୍ଦୋଳନ ଚଳାଇଛନ୍ତି। ଏନେଇ ଜୟପୁରରେ ଜିଲା ଆଇନଜୀବୀ ସଂଘ ଜାତୀୟ ଲୋକ ଅଦାଲତକୁ ବିରୋଧ କରି ଜିଲା କୋର୍ଟ ପରିସରର ମୁଖ୍ୟ ଫାଟକ ସମେତ ଜିଲା କୋର୍ଟ କାର୍ଯ୍ୟାଳୟ ଓ ଜିଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟାଳୟ ବନ୍ଦ ଫାଟକରେ ତାଲାଦେଇ ବନ୍ଦ କରିଦେଇଥିଲେ। ସେହିପରି ମୁଖ୍ୟ ଫାଟକରେ ଆଇନଜୀବୀମାନେ ଧାରଣା ଦେବା ସହ ଲୋକ ଅଦାଲତରେ ମାମଲା ରହିଥିବା ମହକିଲ ଓ ଅନ୍ୟ ବିଭାଗର ଅଧିକାରୀଙ୍କୁ କୋର୍ଟ ପରିସର ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ । ଏହିପରି ଲୋକ ଅଦାଲତ ପରିଚାଳନା କରିବାକୁ ଦିଆଯାଇ ନ ଥିଲା। ଏଥିରେ ସଂଘ ଉପସଭାପତି ଶରତ ମାଝି, ସହସମ୍ପାଦକ ଗିରିଧର ଖରା, କୋଷାଧକ୍ଷ ହରିଶ ମୁଦୁଲି, ନଳିନୀ ମଲ୍ଲିକ, ଦିବାକର ରାଓ, ବିଜୟ ରାଏ ଜେନାଦେଓ, ସନ୍ତୋଷ ସାହୁ, ଦୀନବନ୍ଧୁ ଅଗ୍ରୱାଲ, ମୀନକେତନ ପରିଚ୍ଛା, ପି. ସନ୍ନ୍ୟାସୀ ରାଓ, ଶିବପ୍ରସାଦ ପାଢ଼ୀ, ଶେଷଗିରି ରାଓ, ସୁରେଶ ଚେଟ୍ଟି ଯୋଗ ଦେଇଥିଲେ।



ଆଇନଜୀବୀମାନେ ଲୋକ ଅଦାଲତ ବନ୍ଦ କରି ଧାରଣା ଦେଉଛନ୍ତି।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି

## ■ ୬୧ କେଜି ଗଞ୍ଜେଇ ଜବତ

# ୫ ଆନ୍ତଃ ରାଜ୍ୟ ମାଫିଆ କୋର୍ଟ ଚାଲାଣ

ବୈପାରୀଗୁଡ଼ା,୧୪।୯(ଡି.ଏନ୍.ଏ.)

ଗଞ୍ଜେଇ ଚୋରା ଚାଲାଣରେ ସଂପୃକ୍ତ ଥିବା ୫ ଜଣ ଆନ୍ତଃରାଜ୍ୟ ମାଫିଆଙ୍କୁ ଶନିବାର ବୈପାରୀଗୁଡ଼ା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଏକ ସ୍କର୍ପିଓ ଗାଡ଼ି ସହ ୬୧ କିଲୋଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ପ୍ରକାଶ ଯେ ଶୁକ୍ରବାର ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ମହୁଲିଠାରେ ଗଞ୍ଜେଇ ବୋଝେଇ ଉକ୍ତ ଗାଡ଼ିକୁ ପୋଲିସ ଅଟକାଇଥିଲା। ଗାଡ଼ି ଭିତରୁ ଉକ୍ତ ଗଞ୍ଜେଇ ଜବତ କରାଯିବା ସହ ଏଥିରେ ସଂପୃକ୍ତ ୫ ଜଣ ଅଭିଯୁକ୍ତ ଧରାପଡ଼ିଥିଲେ। ସେମାନେ ହେଲେ ତନ୍ମୟ ମଣ୍ଡଳ, ଅମିନୁଲ ସେଖ, ନେପାଳ ମଣ୍ଡଳ, କାସିମ ଅଲ୍ଲି ଓ ହସିର ଉଦିନ୍ । ସମସ୍ତେ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି। ଥାନାରେ ନୂଆକରି ଯୋଗଦେଇଥିବା ଅଧିକାରୀ ମହେନ୍ଦ୍ର କୁମାର ସାହୁ ଏସବୁ ଜବତ କରିଥିବା ବେଳେ ଏସ୍‌ଆଇ ରମେଶ ଦେବତା କେସ୍ ନଂ ୧୨୫/୧୯ରେ ମାମଲା ରୁଜୁକରି ଏହାର ତଦନ୍ତ ଦାୟିତ୍ୱ ନେଇଛନ୍ତି।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

# ଦେଢ଼କୋଟି ବ୍ୟୟରେ ବସିବ ୨ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର

କୋରାପୁଟ,୧୪।୯(ସ୍ୱ.ପ୍ର.)

କୋରାପୁଟ ପୌର ପରିଷଦ ସହରକୁ ସବୁଜ ସୁନ୍ଦର ଓ ପଲିଥିନମୁକ୍ତ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଏହି କ୍ରମରେ ପୌରାଞ୍ଚଳର ରଥଶର୍ମା କଲୋନି ଓ ଆଦିତ୍ୟନଗରରେ ଦୁଇଟି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି। ପ୍ରତ୍ୟେକ କେନ୍ଦ୍ର ପାଇଁ ୭୫ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ କରାଯିବ ବୋଲି ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ କହିଛନ୍ତି। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ବର୍ତ୍ତମାନ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କେନ୍ଦ୍ରରେ ଉଭୟ କଠିନ ଓ ତରଳ ବର୍ଜ୍ୟବସ୍ତୁକୁ ମେଶିନ୍‌ରେ କମ୍ପୋଷ୍ଟ ଖତରେ ପରିଣତ କରାଯାଇ ଏହାକୁ ବାହାରେ ବିକ୍ରି କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏହି କେନ୍ଦ୍ର ପରିଚାଳିତ ହେବ। ସହରର ସମସ୍ତ ୱାର୍ଡରେ ପୌର କର୍ମଚାରୀମାନେ ଘରକୁ ଘର ଯାଇ ବର୍ଜ୍ୟବସ୍ତୁ ସଂଗ୍ରହ କରି ଉପରୋକ୍ତ କେନ୍ଦ୍ରରେ ପହଞ୍ଚାଇବେ। ସେହିପରି ସ୍ୱଚ୍ଛ ଓ ପଲିଥିନମୁକ୍ତ ପରିବେଶ ପାଇଁ ଦୁଇ ଦିନହେଲା କୋରାପୁଟ ସହରର ୨୧ଟି ୱାର୍ଡରେ ୨୨ଟି ସ୍ୱଚ୍ଛ ସାଥି ଓ ୪ ଜଣ ସୁପରଭାଇଜର ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରାଉଛନ୍ତି। ବର୍ଜ୍ୟବସ୍ତୁ ବାହାରେ ନ ଫିଙ୍ଗି ଡବାରେ ରଖିବା ଓ ପଲିଥିନ୍ ବ୍ୟବହାର ନ କରିବା ପାଇଁ ସେମାନେ କହୁଛନ୍ତି। ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜରିଆରେ ପ୍ରତିଦିନ ସନ୍ଧ୍ୟାରେ ସହରର ବିଭିନ୍ନ ୱାର୍ଡରେ ଲୋକଙ୍କୁ ଛୋଟ ଛୋଟ ସଭା ମାଧ୍ୟମରେ ଏଥିପାଇଁ ସଚେତନ କରାଯାଉଛି। ଏହା ବ୍ୟତୀତ ସ୍ୱଚ୍ଛତା ଶୋଭାଯାତ୍ରା, ସଚେତନତା ରଥ ପ୍ରତି ୱାର୍ଡ ବୁଲି ଲୋକଙ୍କୁ ସଚେତନ କରୁଛି।



ସହରରେ ସଚେତନ କରୁଛନ୍ତି ସ୍ୱଚ୍ଛସାଥୀ।

# ଦୁର୍ଘଟଣାରୁ ବର୍ତ୍ତିଲେ ୨ ଶିଶୁକନ୍ୟା

ଦଶମନ୍ତପୁର,୧୪।୯(ଡି.ଏନ୍.ଏ.):

ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ ଛକରେ ବାଇକ ଦୁର୍ଘଣା ଘଟିଥିବା ବେଳେ ଏଥିରୁ ବର୍ତ୍ତିଯାଇଛନ୍ତି ୨ ଜଣ ଶିଶୁକନ୍ୟା। ଏହି ବ୍ଲକ ଅଧୀନ ଗିର୍ଲିଗୁମ୍ମା ପଞ୍ଚାୟତର ରୋହିଆମ୍ବ ଗ୍ରାମର ପବିତ୍ର ଖରା (୩୮), ସ୍ତ୍ରୀ ବବିତା ଓ ଦୁଇ ଝିଅଙ୍କ ସହ ସେମିଳିଗୁଡ଼ା ବ୍ଲକ ଦାମନଯୋଡ଼ି ମାନିଆ ଗାଁରେ ଥିବା ତାଙ୍କ ଶଶୁର ଘରକୁ ଯାଇଥିଲେ। ସେଠାରୁ ଶନିବାର ଘରକୁ ଫେରୁଥିବା ବେଳେ ମୁଜାଙ୍ଗ ଗାଁ ଛକଠାରେ ଭାରସାମ୍ୟ ହରାଇ ଦୁର୍ଘଣାଗ୍ରସ୍ତ ହୋଇଛି। ଏଥିରେ ପବିତ୍ରଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ବେଳେ ସ୍ତ୍ରୀ ବବିତା ମଧ ଆହତ ହୋଇଛନ୍ତି। ତେବେ ତାଙ୍କ ୨ ଝିଅ ଏଥିରୁ ବର୍ତ୍ତିଯାଇଛନ୍ତି। ଆହତ ଦମ୍ପତିଙ୍କୁ ସ୍ଥାନୀୟ ଲୋକେ ନିକଟସ୍ଥ ପୋଡ଼ାଗଡ଼ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

## ■ ନନ୍ଦିଗାଁରେ ଡକାୟତି

# ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

କୋରାପୁଟ,୧୪।୯(ସ୍ୱ.ପ୍ର.)

କୋରାପୁଟ ସଦର ଥାନା ଦଶମନ୍ତପୁର ବ୍ଲକ ନନ୍ଦିଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଡକାୟତି ହୋଇଛି। ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ନନ୍ଦିଗାଁର ଶୁଭମଣି ଖରାଙ୍କ କବାଟ ଭାଙ୍ଗି ଘରେ ପଶିଥିଲେ। ସେମାନେ ଘରଲୋକଙ୍କୁ ଭୟ ଦେଖାଇ ନଗଦ ୭୪ ହଜାର ଟଙ୍କା ସହ ଏକ ତୋଳାରୁ ଊର୍ଦ୍ଧ୍ୱ ସୁନା, ଏକ ନାକଫୁଲ ସମେତ ଘରେ ଥିବା ୧୫ ଲିଟର ପେଟ୍ରୋଲ ଲୁଟିନେଇଛନ୍ତି। ଲୁଟ୍ ଚାଲିଥିବା ବେଳେ ଡକାୟତ ଦଳର ଅନ୍ୟ କେତେକ ସଦସ୍ୟ ଘର ବାହାରେ ଜଗିରହିଥିବା ଜଣାପଡ଼ିଛି। ଶନିବାର ଶୁଭମଣି କୋରାପୁଟ ସଦର ଥାନାରେ ଏତଲା ଦେବା ପରେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ନନ୍ଦିଗାଁରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। କେସ୍ ନଂ ୯୧/୨୦୧୯ରେ ଏକ ମାମଲା ରୁଜୁ କରି ଡକାୟତମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି ପୋଲିସ।

# ମା' ଅଗ୍ନିଗଙ୍ଗାମ୍ମା ଠିକାଦାର ସଂଘ ବୈଠକ



ଠିକାଦାର ସଂଘ ବୈଠକରେ ମନୋନୀତ ନୂତନ କର୍ମକର୍ତ୍ତା।

ସେମିଳିଗୁଡ଼ା,୧୪।୯(ସ୍ୱ.ପ୍ର.)

ସେମିଳିଗୁଡ଼ା ସ୍ଥିତ ଦେଉଳପାଡ଼ିଆ କ୍ୟାମ୍ପସଠାରେ ରେଜିଷ୍ଟ୍ରିଭୁକ୍ତ ଠିକାଦାରଙ୍କ ବୈଠକ ଅନୁଷ୍ଠିତ ହୋଇଛି। ମା' ଅଗ୍ନିଗଙ୍ଗାମ୍ମା ଠିକାଦାର ସଂଘ ଦ୍ୱାରା ପରିଚାଳିତ ବୈଠକରେ ସେମିଳିଗୁଡ଼ା, ନନ୍ଦପୁର, ପଟ୍ଟାଙ୍ଗୀ ବ୍ଲକ, ସୁନାବେଡ଼ା ପୌରପରିଷଦ ଓ କୋରାପୁଟ ଅଞ୍ଚଳର ଠିକାଦାର ଯୋଗ ଦେଇଥିଲେ। ସରକାରଙ୍କ ଟେଣ୍ଡର ଅନୁଯାୟୀ ଉନ୍ନତମାନର କାମ ହେବା ସହ ସମାଜର ଉନ୍ନତି ପାଇଁ ପଦକ୍ଷେପ ନିଆଯିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ମନୋନୀତ ନୂତନ ସଭାପତି ଘେନୁ ଦେଉଳପାଡିଆ, ଉପସଭାପତି କବି ଗେମେଲ, ସମ୍ପାଦକ ଅଶୋକ ପ୍ରଧାନ, ସହ ସମ୍ପାଦକ ପ୍ରଫୁଲ୍ଲ ଖିଲ, କୋଷାଧକ୍ଷ ମଦନ ମୋହନ ମୁଠାଇ, ଉପଦେଷ୍ଟା ବୁଲୁ ଆଚାର୍ଯ୍ୟ, ଅର୍ଜୁନ ବାଙ୍କା, ଖବରଦାତା ଅଜୟ ସାହୁ, ନନ୍ଦପୁର ବ୍ଲକର ଗଙ୍ଗାଧର ଖରା, କାମେଶ୍ୱର ନାୟକ, ଭବାନୀ ଖରା, ପଟ୍ଟାଙ୍ଗିର ସୁରେଶ ରୁଚି, ବୃନ୍ଦାବନ ପାତ୍ର, ସନ୍ତୋଷ ପଟ୍ଟନାୟକ, ସନ୍ତୋଷ ଶତପଥୀ ଯୋଗ ଦେଇଥିଲେ।

# ଦଲାଲଙ୍କ କବ୍‌ଜାରେ ଲିମନ ଗ୍ରାସ୍ ତେଲ

■ରାଜ୍ୟ ସରକାର ଉଚିତ୍ ଦରରେ କିଣନ୍ତୁ: ଚାଷୀ
■ତହସିଲଦାରଙ୍କୁ ଦାବିପତ୍ର ଦେଲା ଚାଷୀ ମୂଲିଆ ସଂଘ

ବନ୍ଧୁଗାଁ,୧୪।୯(ଡି.ଏନ୍.ଏ.)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକର ୨୦ ହଜାର ଏକର ଜମିରେ ଆଦିବାସୀ, ଦଳିତ ଓ ଅନ୍ୟ ଗୋଷ୍ଠୀର ଚାଷୀ ଲିମନ ଗ୍ରାସ୍ ଚାଷ କରିଆସୁଛନ୍ତି। ଏଥିରୁ ବାହାରୁଥିବା ତେଲକୁ ସ୍ଥାନୀୟ ବେପାରୀଙ୍କ ୧୫୦୦ ଟଙ୍କା ଦରରେ କିଣୁଛନ୍ତି। ଏହି ତେଲକୁ ବିକ୍ରି କରି ସ୍ଥାନୀୟ ଚାଷୀଙ୍କ ଆର୍ଥିକ ସ୍ଥିତି ବହୁତ ଭଲ ରହିଥିଲା। କିନ୍ତୁ ଏକ ବର୍ଷ ହେବ ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ସେମାନେ ବର୍ତ୍ତମାନ ଏହାକୁ ୭୦୦ରୁ ୭୫୦ ଟଙ୍କା ଦରରେ କିଣୁଛନ୍ତି ଏବଂ ଏହାକୁ ବାହାର ରାଜ୍ୟକୁ ପଠାଇ ବହୁ ଅଧିକ ଲାଭ ପାଉଛନ୍ତି। କିନ୍ତୁ ଏହ ତେଲଦର ଅଧା କମିଯିବା ପରେ ଚାଷୀମାନେ ବର୍ତ୍ତମାନ ବହୁତ କ୍ଷତି ସହୁଛନ୍ତି। ସେଥିପାଇଁ ବନ୍ଧୁଗାଁ ବ୍ଲକର ଚାଷୀ ମୂଲିଆ ଆଦିବାସୀ ସଂଘ ଅଞ୍ଚଳର ଲିମନ ଗ୍ରାସ୍ ଚାଷୀଙ୍କ ଉପସ୍ଥିତିରେ ତହସିଲଦାର ଶୋଭା ଭୂଷଣ ଶବରଙ୍କୁ ଦାବିପତ୍ର ଦେଇଛି। ଏଥିରେ ଲିମନ ଗ୍ରାସ୍ ତେଲ କମ୍ ଦାମ୍‌ରେ କିଣୁଥିବା ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। କୃଷିମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ ସମୟରେ ଚାଷୀ ମୂଲିଆ ଆଦିବାସୀ ସଂଘ କୋରାପୁଟ ସଭାନେତ୍ରୀ କଣ୍ଡାଗୋରୀ ପାଇଡାମାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଦଲାଲଙ୍କ କବଳରୁ ସେମାନଙ୍କୁ ମୁକ୍ତକରି ରାଜ୍ୟ ସରକାର ନିଜେ ଏହି ତେଲ କିଣିବା ପାଇଁ ଚାଷୀ ଦାବି କରିଛନ୍ତି।



ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି ଚାଷୀ ମୂଲିଆ ଆଦିବାସୀ ସଂଘର ସଦସ୍ୟମାନେ।

## ସଂକ୍ଷେପରେ

### ବିଏସ୍ଏଫ୍ କ୍ୟାମ୍ପ ନିକଟରେ ଜଣଙ୍କୁ ହତ୍ୟା ସନ୍ଦେହ

**ଚିତ୍ରକୋଣ୍ଡା,୧୪।୯(ଡି.ଏନ୍.ଏ.)-** ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ପାପରମେଟଲା ପଞ୍ଚାୟତ ଜନ୍ତାପାଇ ଗ୍ରାମ ନିକଟରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରି ଅଙ୍ଗନୱାଡି ଘରେ ତାଲା ପକାଇ ରଖାଯାଇଥିବା ଜଣାପଡିବା ପରେ ପାପରମେଟଲା ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ତେବେ ମୃତ ବ୍ୟକ୍ତି ଜଣକ ଧୁଲିପୁଟ ପଞ୍ଚାୟତ ରାଙ୍ଗିଣିଗୁଡା ଗ୍ରାମର ରାଜୁ ହନ୍ତାଳ। ଏହି ଖବର ଜଣାପଡିବା ପରେ ପରିବାର ଲୋକ ଓ ଗ୍ରାମବାସୀ ଥାନା ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ ଚଳାଇଛନ୍ତି। ରାଜୁଙ୍କୁ ବିଏସଏଫ ଯାବାନମାନେ ମାରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ହତ୍ୟା ଘଟଣାରେ କିଏ ସମ୍ପୃକ୍ତ ଅଛନ୍ତି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଲକ୍ଷ୍ମୀ ନାରାୟଣ ମୁଦୁଲି କହିଛନ୍ତି।

### ଦିଶାରୀ ଗୁଣିଆଙ୍କ ପାଇଁ ସଚେତନ କାର୍ଯ୍ୟକ୍ରମ

**ଚିତ୍ରକୋଣ୍ଡା,୧୪।୯(ଡି.ଏନ.ଏ.)-** ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ନୂଆଗୁଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁଣ୍ଡାୱାର୍ଡା, ଦୋରାଗୁଡା ଓ ନୂଆଗୁଡା ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଦିଶାରୀ ଓ ଗୁଣିଆ ଙ୍କୁ ସଚେତନ କରିବା ଲାଗି ୟୁନିସେଫ ସହାୟତାରେ ମାଲକାନଗିରିର ପରିବର୍ତ୍ତନ ଅନୁଷ୍ଠାନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ମୃଙ୍ଗାଙ୍କ ହାଲଦାର ଯୋଗ ଦେଇ ଦିଶାରୀ ଗୁଣିଆମାନଙ୍କୁ ସଚେତନ ବାର୍ତ୍ତା ଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା, ଗର୍ଭବତୀ, ପ୍ରସୂତି, ନବଜାତ ଶିଶୁ ଏପରିକି ଯେକୌଣସି ରୋଗୀ ହୁଅନ୍ତୁ ନା କାହିଁକି ସେମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ପଠାଇବା ଲାଗି କହିଥିଲେ। ଦିଶାରୀ ନାରାୟଣ ଖରା, ଶ୍ୟାମ ଦିଶାରୀ, ଶୁକ୍ରା ଅଡାରି, ସମରା ଆଲାଙ୍ଗ, ଲକ୍ଷ୍ମଣ ଖିଲ, ଗୁରୁ ପୂଜାରୀ, ବିମଳା ଶୁକ୍ରିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବ୍ଲକ ସଂଯୋଜିକା ଶୁଭସ୍ମିତା ବେହେରା ଓ ଲକ୍ଷ୍ମଣ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୁଣି ମାଲକାନଗିରି ସହରରେ ମିଳିଲା ପ୍ଲାଷ୍ଟିକ ଅଣ୍ଡା

**ମାଲକାନଗିରି,୧୪।୯(ଡି.ଏନ.ଏ.)-** ମାଲକାନଗିରି ଜିଲା ସଦର ମହକୁମାରେ ଗୁରୁବାର ପ୍ଲାଷ୍ଟିକ ଅଣ୍ଡା ମିଳିଥିବା ବେଳେ ପୁଣି ଶୁକ୍ରବାର ଜଣେ ବ୍ୟକ୍ତି କିଣି ଆଣିଥିବା ଅଣ୍ଡା ପ୍ଲାଷ୍ଟିକ ଅଣ୍ଡା ବୋଲି ଜଣାପଡିଛି। ମାଲକାନଗିରି ବସଷ୍ଟାଣ୍ଡ ସମ୍ମୁଖରେ ରହୁଥିବା ଗଙ୍ଗାଧର ପଟ୍ଟନାୟକ ଆଜି ବଜାରରୁ ୪ଟି ଅଣ୍ଡା କ୍ରୟ କରି ଆଣିଥିଲେ। ରୋଷେଇ କରିବା ବେଳକୁ ଅଣ୍ଡା ଫଟାଇବାରୁ ତାହା ଫାଟି ନ ଥିଲା । ପରେ ଅନ୍ୟ ୨ଟି ଅଣ୍ଡା ମଧ୍ୟ ଭାଙ୍ଗି ରୋଷେଇ କରିବାକୁ ଚେଷ୍ଟା କରିବାରୁ ସେହି ୨ଟି ଅଣ୍ଡାରୁ ମଧ୍ୟ ପ୍ଲାଷ୍ଟିକ ଭଳି ଆସ୍ତରଣ ବାହାରିଥିଲା। ପରେ ସେ ଏହାକୁ ନିଆଁରେ ପୋଡ଼ିବାରୁ ତାହା ପ୍ଲାଷ୍ଟିକ ଗନ୍ଧ ହୋଇଥିଲା। ଶେଷ ଗୋଟିଏ ଅଣ୍ଡା ତାଙ୍କର ଭଲ ପଡିଥିଲା ବୋଲି ଗଙ୍ଗାଧର କହିଛନ୍ତି। ଗତକାଲି ସହରର ହାଇଟେକ କଲୋନୀର ଦିଗାମ୍ବର ବେହେରା ବଜାରରୁ ଅଣ୍ଡା କିଣି ରୋଷେଇ କରିବା ବେଳେ ସେଥିରେ ପ୍ଲାଷ୍ଟିକ ଆବରଣ ଦେଖିବାକୁ ମିଳିଥିଲା । ପୁଣି ଶୁକ୍ରବାର ଏଭଳି ଅଣ୍ଡା ମିଳିବାରୁ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଧନୁର୍ଜୟ ମହନ୍ତଙ୍କ ନେତୃତ୍ୱରେ ଜିଲା ଜନସ୍ୱାସ୍ଥ୍ୟ ନିରୀକ୍ଷଣ ଅଧିକାରୀ ଚନ୍ଦ୍ରଶେଖର ସ୍ୱାଇଁ ଏକ ଟିମ୍ ସହ ଜିଲା ସଦର ମହକୁମାର ବିଭିନ୍ନ ଅଣ୍ଡା ଦୋକାନ ଓ ବିତରକଙ୍କ ଗୋଦାମ ଉପରେ ଚଢ଼ାଉ କରିଥିଲେ। ପରୀକ୍ଷା ପାଇଁ ସଂଗୃହୀତ ଅଣ୍ଡାଗୁଡ଼ିକୁ ଭୁବନେଶ୍ୱର ପଠାଯାଇଛି।

### ଫେରାର ଦୁଇ ଯୁବକ ଗିରଫ

**ଫିଙ୍ଗିଆ,୧୪।୯-** ବିଭିନ୍ନ ମାମଲାରେ ଜଡିତ ରହି ଫେରାର ଥିବା ୨ଜଣ ଯୁବକଙ୍କୁ ଗୋଛାପଡା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲନ୍ଦାପଡା ଅଞ୍ଚଳର ଶରତ ପ୍ରଧାନ ଓ କୋଏରମାଣ୍ଡୁ ଅଞ୍ଚଳର ତିଳକ ଦିଗାଲ। ପ୍ରାୟ ୫/୬ ବର୍ଷ ହେବ ଏହି ଦୁଇ ଜଣ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଶିଶୁ ସୁରକ୍ଷା ଅଧିକାର ନେଇ ସଚେତନତା କର୍ମଶାଳା

**ମାଲକାନଗିରି,୧୪।୯(ଡି.ଏନ.ଏ.)**


କର୍ମଶାଳାରେ ମଞ୍ଚାସୀନ ଅତିଥି ।

- ଶିଶୁଙ୍କ ସୁରକ୍ଷା ପ୍ରଶାସନ, ଗଣମାଧ୍ୟମ ଉଭୟଙ୍କ ଦାୟିତ୍ୱ
- ୪ ଶିଶୁ ଗୃହରେ ୩୨୮ ଶିଶୁଙ୍କ ଯତ୍ନ ନିଆଯାଉଛି
- ଗଣମାଧ୍ୟମର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଡିଆରଡିଏ ସଭାଗୃହରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ଆଇନ ସେବା ପ୍ରାଧିକରଣର ମିଳିତ ସହଯୋଗରେ ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କରେ ଗଣମାଧ୍ୟମକୁ ସଚେତନତା ପାଇଁ ଦିନିକିଆ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କର୍ମଶାଳାରେ ଉପଜିଲାପାଳ ରାମେଶ୍ୱର ପ୍ରଧାନ ଓ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅମରେଶ ନାୟକ ଯୋଗଦେଇଥିଲେ । ଶିଶୁ ସୁରକ୍ଷା, ବାଲ୍ୟ ବିବାହ, ପୋକ୍ସୋ ଆକ୍ଟ, ଶିଶୁ ଚାଲାଣ, ଶିଶୁଯତ୍ନ ଓ ଅଧିକାର ନେଇ ପ୍ରଣୟନ ହୋଇଥିବା ଆଇନ ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୬ ଶହରୁ ଉର୍ଦ୍ଧ୍ୱ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଜିଲାର ୪ ଶିଶୁ ଗୃହରେ ୩୨୮ ଶିଶୁଙ୍କୁ ରଖାଯାଇ ଯତ୍ନ ନିଆଯାଉଛି। ପ୍ରାୟ ୬ ଶହ ଅଧାରୁ ପାଠ ଛାଡ଼ିଥିବା ଶିଶୁଙ୍କୁ ଉଦ୍ଧାର କରାଯାଇ ବିଦ୍ୟାଳୟରେ ନାମ ଲେଖାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦାସ ସୂଚନା ଦେଇଥିଲେ । କୌଣସି ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା ଓ ଯୌନ ଶୋଷଣର ଖବର ପ୍ରକାଶିତ ଅବା ପ୍ରସାରିତ ବେଳେ କେଉଁ କେଉଁ ଦିଗ ପ୍ରତି ଗଣମାଧ୍ୟମ ଯତ୍ନବାନ ହେବା ଆବଶ୍ୟକ ସେ ସମ୍ପର୍କରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନାୟକ ଅବଗତ କରାଇଥିଲେ। ଏଥିସହ ଶିଶୁମାନେ ଅପରାଧ କଲେ ସେମାନଙ୍କୁ କିଭଳି ଅତି ଉଦାରତାର ସହ ବ୍ୟବହାର ପ୍ରଦର୍ଶନ କରାଯିବ ଏବଂ କେଉଁ ଦିଗ ଉପରେ ଧ୍ୟାନ ରଖାଯିବା ଉଚିତ ସେ ସମ୍ପର୍କରେ ବୁଝାଇଥିଲେ। ଶିଶୁମାନଙ୍କ ସୁରକ୍ଷା ପାଇଁ ପ୍ରଶାସନର ଯେତିକି ଦାୟିତ୍ୱ ରହିଛି, ସେତିକି ଗଣମାଧ୍ୟମର ଦାୟିତ୍ୱ ରହିଛି । ଜିଲାର ବିକାଶ ଓ ସମସ୍ୟାକୁ ଗଣମାଧ୍ୟମ ସର୍ବଦା ଲୋକଲୋଚନକୁ ଆଣୁଛି । ଫଳରେ ଅନେକ ସଂସ୍କାର ଆସିପାରୁଛି ବୋଲି ଉପଜିଲାପାଳ ପ୍ରଧାନ କହିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ଏଲ.ପି.ଓ. ସତ୍ୟଜିତ ପଣ୍ଡାଙ୍କ ସମେତ ଜିଲାର ବହୁ ଗଣମାଧ୍ୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଧରିତ୍ରୀ ପ୍ରଭାବ

### ଖବର ପ୍ରକାଶ ପରେ ବିୟୁଟିଙ୍କୁ ମିଳିଲା ସହାୟତା

**କାରୁକୋଣ୍ଡା, ୧୪।୯(ଡି.ଏନ୍.ଏ.)**


ବିୟୁଟର ଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରି ପଞ୍ଚାୟତ ଏମଭି-୧୦୪ ଗ୍ରାମର ଅର୍ଜ୍ଜୁନ କୀର୍ତ୍ତନିଆଙ୍କ ଝିଅ ବିୟୁଟିଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ଖବର ଗତ ୧୨ ତାରିଖ ଧରିତ୍ରୀରେ ପ୍ରକାଶ ପରେ ଜିଲା ପ୍ରଶାସନ ସହାୟତାର ହାତ ବଢାଇଛି। ବିୟୁଟିଙ୍କ ମସ୍ତିଷ୍କ ଠିକ୍ ରୂପେ ବିକାଶ ହୋଇପାରି ନ ଥିବା ନେଇ ପରିବାର ଲୋକେ ସ୍ଥାନୀୟ ଡାକ୍ତରଖାନା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ବୁର୍ଲା ନେବାକୁ ପରାମର୍ଶ ଦେଇଥିଲେ। ଗରିବ ଦିନମଜୁରିଆ ରୂପେ କାର୍ଯ୍ୟ କରି ପରିବାର ଚଳାଉଥିବା ଅର୍ଜ୍ଜୁନ ଅର୍ଥ ଯୋଗାଡ କରି ଝିଅକୁ ବୁର୍ଲା ନେଇଥିଲେ ମଧ୍ୟ ସେଠାରେ ପରୀକ୍ଷାନିରୀକ୍ଷା ପରେ ଡାକ୍ତରମାନେ ତାଙ୍କୁ କଟକ ବଡ ଡାକ୍ତରଖାନା ନେବାକୁ କହିଥିଲେ। ପାଖରେ ଅର୍ଥ ନ ଥିବାରୁ ଅର୍ଜ୍ଜୁନ ଝିଅକୁ ଧରି ଘରକୁ ଚାଲି ଆସିଥିଲେ। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ କେହି ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ମନୀଶ ଅଗ୍ରୱାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଶନିବାର କୋରୁକୋଣ୍ଡା ବିଡିଓ ଏବଂ ବିଏସଏସଓ ଅର୍ଜ୍ଜୁନଙ୍କ ଘରକୁ ଯାଇ ବିୟୁଟିଙ୍କୁ ୭ଶହ ଟଙ୍କା ଦିବ୍ୟାଙ୍ଗ ଭତ୍ତା, ରାଶନ କାର୍ଡ, ହୁଇଲ ଚେୟାର ଆଦି ପ୍ରଦାନ କରିଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ମାଲକାନଗିରି ଜିଲା ମୁଖ୍ୟଚିକିତ୍ସାଳୟକୁ ନିଆଯାଇଥିଲା। କୌଣସି କାରଣରୁ ସେ ଫେରି ଆସିଥିଲେ। ଏ ନେଇ ବିଏସଏସଓ ରାଜୀବ ପୂଜାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ଆସନ୍ତା ସୋମବାର ତାଙ୍କୁ ପୁଣି ମାଲକାନଗିରି ନିଆଯିବ। ସେଠାରେ ପ୍ରାଥମିକ ଚିକିତ୍ସା ଏବଂ ପୂର୍ବ ଚିକିତ୍ସାର କାଗଜପତ୍ର ଅନୁଧ୍ୟାନ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ଲାକେଙ୍କୁ ସହାୟତା କଲା ପ୍ରଶାସନ

**ପଡିଆ,୧୪।୯ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ପଡିଆ ଥାନା ଅନ୍ତର୍ଗତ ମୋଟେରୁ ପଞ୍ଚାୟତ ତେଗେଡାପାଲି ନିକଟସ୍ଥ ନିଳିଗୁଡା ଗ୍ରାମର ବିଧବା ଲାକେ ମାଡକାମି ଶାଶୁଘରେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଶାଶୁଘର ଲୋକେ ବାପ ଘରକୁ ପଠାଇ ଦେଇଥିଲେ। ବାପଘରେ ସେ ଚିକିତ୍ସା ସୁବିଧା ପାଇ ନ ଥିଲେ। ଗରିବ ପରିବାର ହେତୁ ଲାକେଙ୍କ ବାପା ଝଡାଫୁଙ୍କା ଆଦି କରି ଝିଅର ଦେଶୀ ଚିକିତ୍ସା କରିଥିଲେ। ଏହି ଖବର ଶନିବାର ଧରିତ୍ରୀରେ ପ୍ରକାଶିତ ହେବା ପରେ ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଲାକେଙ୍କୁ ସହାୟତାର ହାତ ବଢାଇଛି। ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଜିଲା ଅଧିକାରୀ ରାଧାମଣୀ ଦଳାଇ, ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ ଦାସଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ନିଳିଗୁଡା ଗ୍ରାମକୁ ଯାଇ ଲାକେଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ମାସିକ ୫୦୦ ଟଙ୍କା ବିଧବା ଭତ୍ତା ଦେବାର ବ୍ୟବସ୍ଥା କରିଛନ୍ତି। ଏଥିସହ ଲାକେ କିପରି ସ୍ୱାସ୍ଥ୍ୟସେବା ପାଇ ଶୀଘ୍ର ସୁସ୍ଥ ହେବେ ଏନେଇ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯିବ ବୋଲି ଦାସ କହିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ତାଙ୍କୁ ସହାୟତା ପାଇଁ ୨୦ହଜାର ଟଙ୍କା କିପରି ମିଳିବ ସେ ସମ୍ପର୍କରେ ପଡିଆ ବିଡିଓ ତଦନ୍ତ କରି ଜିଲା ପ୍ରଶାସନକୁ ଜଣାଇଲେ ଜିଲା ପ୍ରଶାସନ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆର୍ଥିକ ସହାୟତା ବ୍ୟବସ୍ଥା କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଲାକେ ଛତିଶଗଡରେ ବିବାହ କରିଥିଲେ। ୨୦୦୯ରେ ମାଓବାଦୀମାନେ ତାଙ୍କ ସ୍ୱାମୀଙ୍କୁ ମାରି ଦେଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ଲାକେ ଶାଶୁଘରେ ରହିଥିଲେ। ସେ ଅସୁସ୍ଥ ହୋଇପଡିବାରୁ ଶାଶୁଘର ଲୋକେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ସେବେଠାରୁ ଲାକେ ବାପଘର ପଡିଆ ଥାନା ନିଳିଗୁଡା ଗ୍ରାମରେ ଆସି ଅଛନ୍ତି।

## ■ ଲ୍ୟାମ୍ପରେ ମିଳୁନି ୟୁରିଆ ସାର

# ବ୍ୟବସାୟୀଙ୍କଠାରୁ କିଣିଲେ ଚାଷୀ


ଆନ୍ଧ୍ରରୁ ବ୍ୟବସାୟୀମାନେ ଟ୍ରକରେ ସାର ଆଣି ବିକ୍ରି କରୁଛନ୍ତି ।

**କାଲିମେଳା,୧୪।୯(ଡି.ଏନ.ଏ)**

ମାଲକାନଗିରି ଜଲା କାଲିମେଳା ଲ୍ୟାମ୍ପରେ ଚାଷୀଙ୍କୁ ୟୁରିଆ ସାର ମିଳୁ ନ ଥିବା ଅଭିଯୋଗ ହୋଇଛି । ପ୍ରାୟ ଏକମାସ ଧରି ଏହି ସାର ମିଳୁ ନ ଥିବା ଯୋଗୁ ଚାଷୀ ହଇରାଣ ହେଉଛନ୍ତି । ଫଳରେ ଅନ୍ୟ ଉପାୟ କିଛି ନ ପାଇ ଚାଷୀ ବାଧ୍ୟ ହୋଇ ବ୍ୟବସାୟୀଙ୍କଠାରୁ ଚଢା ଦରରେ ୟୁରିଆ ସାର କିଣୁଛନ୍ତି। ଶନିବାର କାଲିମେଳା ବସଷ୍ଟାଣ୍ଡଠାରେ ଚାଷୀ ଟୋକନ କାଟି ଲାଇନ କରି ସାର କିଣୁଥିବା ଦେଖିବାକୁ ମିଳିଥିଲା। ୟୁରିଆ ସାରର ଚାହିଦା ଅଧିକ ଥିବାରୁ ଆବଶ୍ୟକ ପରିମାଣର ସାର ମଧ୍ୟ ମିଳୁନାହିଁ। ଫଳରେ ଚାଷୀ ଚିନ୍ତିତ ହୋଇପଡିଛନ୍ତି । ସରକାରୀ ଦର ଅନୁଯାୟୀ ଲ୍ୟାମ୍ପରେ ୟୁରିଆ ସାର ବସ୍ତା ପିଛା ୨୭୦ ଟଙ୍କା ଥିବା ବେଳେ ବଜାରରୁ ଚାଷୀ ୩୫୦ ଟାଙ୍କାରୁ ୪୦୦ ଟଙ୍କା ଦେଇ କିଣୁଛନ୍ତି। ଆନ୍ଧ୍ର ବ୍ୟବସାୟୀମାନେ ଏହି ସାର ଆଣି ବିକ୍ରି କରି ବେଶ୍ ଫାଇଦା ଉଠାଉଛନ୍ତି। କାଲିମେଳା ଲ୍ୟାମ୍ପ ଏମଡିଙ୍କ ପ୍ରଦୀପ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଯେ, କାଲିମେଳା ପାଇ ୧ହଜାର କୁଇଣ୍ଟାଲ ଏବଂ ଏମଭି-୭୯ ଗୋଦାମ ପାଇଁ ୧ହଜାର କୁଇଣ୍ଟାଲ ୟୁରିଆ ସାର ଆମେ ମାଗିଥିଲୁ। ମାତ୍ର ଜୟପୁର ଗୋଦାମରୁ ମାତ୍ର ଗୋଟିଏ ଟ୍ରକରେ ୨୫୨ କୁଇଣ୍ଟାଲ ସାର ଆସିଛି । ୩ ଦିନ ତଳେ ଏହି ସାର ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ଆଉ ସାର ନ ଥିବାରୁ ଚାଷୀ ବାଧ୍ୟ ହୋଇ ବାହାରୁ କିଣୁଛନ୍ତି ବୋଲି ସେ କହିଛନ୍ତି।

### ରୁପା ବ୍ୟବସାୟୀଙ୍କ ଠାରୁ ଲୁଟ୍

**ଭଞ୍ଜନଗର,୧୪।୯(ଡି.ଏନ.ଏ)**

ବେଲଗୁଣ୍ଠା ଫାଣ୍ଡି ଉତ୍ତାର ରୂପା ବ୍ୟବସାୟୀ ଲକ୍ଷ୍ମଣ ଦାସଙ୍କ ପ୍ରାୟ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ରୂପା ଅଳଙ୍କାର ଶନିବାର ପୂର୍ବାହ୍ନରେ ଚୋରୀ ହୋଇଯାଇଛି। ଏନେଇ ଲକ୍ଷ୍ମଣ ଅପରାହ୍ନରେ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯୦/୧୯ରେ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ସନ୍ଧ୍ୟା ସୁଦ୍ଧା ପୋଲିସ ଲୁଟେରାଙ୍କ ଟେର୍ ପାଇ ପାରିନାହିଁ।

ପ୍ରକାଶଯେ, ଲକ୍ଷ୍ମଣ ଶନିବାର ପୂର୍ବାହ୍ନରେ କୋକଲୁଣ୍ଡା ଗ୍ରାମକୁ ରୂପା ଅଳଙ୍କାର ବ୍ୟବସାୟ କରିବାକୁ ଯାଇଥିଲେ। ସେଠାରେ କେତେଜଣଙ୍କୁ ଅଳଙ୍କାର ବିକ୍ରି କରିଥିଲେ। ଏହାପରେ ସେ ନିଜ ଲୁନା ଗାଡ଼ିରେ ବଳକା ରୂପାକୁ ଏକ ବ୍ୟାଗ୍‌ରେ ରଖି ବିକ୍ରି ଟଙ୍କା ଆଣିବା ପାଇଁ ଜଣଙ୍କ ଘର ଭିତରକୁ ଯାଇଥିଲେ। ଏହି ସମୟରେ ଲକ୍ଷ୍ମଣଙ୍କ ରୂପା ବ୍ୟାଗ୍ ଉପରେ ନଜର ରଖିଥିବା ୨ଜଣ ଦୁର୍ବୃତ୍ତ ବ୍ୟାଗ୍‌ଟିକୁ ନେଇ ଫେରାର ହୋଇଯାଇଥିଲା। ଲକ୍ଷ୍ମଣ ଘର ଭିତରୁ ଟଙ୍କା ଧରି ଫେରି ଦେଖିବାବେଳକୁ ବ୍ୟାଗଟି ଚୋରି ହୋଇଯାଇଛି। ବେଲଗୁଣ୍ଠା ଫାଣ୍ଡି ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ ପାଇଁ ଚେଷ୍ଟା ଚଳାଇଛି।

## ■ ଜବରଦଖଲ ଉଚ୍ଛେଦ ଜାରି

# ସୁଧୁରିବ ଅଞ୍ଚଳବାସୀଙ୍କ ସମସ୍ୟା

**ପାରଳାଖେମୁଣ୍ଡି, ୧୪।୯ (ସ୍ୱ.ପ୍ର.)**


ଜବରଦଖଲ ହୋଇଥିବା ଏକ ଘରକୁ ଉଚ୍ଛେଦ କରାଯାଉଛି।

ପାରଳାଖେମୁଣ୍ଡିସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆରମ୍ଭ ହୋଇଥିବା ଉଚ୍ଛେଦ ଅଭିଯାନ ଶନିବାର ଜାରି ରହିଛି। ଦ୍ୱିତୀୟ ଦିନରେ ଉଚ୍ଛେଦ କାର୍ଯ୍ୟକୁ ଅଧିକ କ୍ରୀୟାଶୀଳ କରାଯାଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ୧୫ନଂ ୱାର୍ଡ ଅନ୍ତର୍ଗତ ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟେ ରହିଥିବା କେନାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ପ୍ରଥମେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଶନିବାର ଏହି କେନାଲ୍ ଯାଇଥିବା ରାସ୍ତା ଯଥା ଫ୍ରେଣ୍ଡ୍‌ସ କଲୋନୀ, ଜଗନ୍ନାଥ ବିହାର, ଗାନ୍ଧୀ ନଗର, ଶୁଭଦ୍ରା ବିହାର, ଜ୍ୟୋତିଷ ନଗର ଆଦି ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରକାଶ ଯେ, ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା କେତେକ ସ୍ଥାନୀୟବାସୀ ଏହି କେନାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଜବରଦଖଲ କରି ରଖିବା ସହ ବେଆଇନଭାବେ କୋଠାବାଡ଼ି ନିର୍ମାଣ କରିଥିଲେ। ଯଦ୍ୱାରା କେନାଲ ଦେଇ ଠିକ୍‌ଭାବେ ଜଳ ନିଷ୍କାସିତ ନ ହେବା ଯୋଗୁ ଅସରାଏ ବର୍ଷାରେ ରାସ୍ତାରେ ପାଣି ଜମି କୃତ୍ରିମ ବନ୍ୟା ପରିସ୍ଥିତି ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲା। ଏ ସମ୍ପର୍କରେ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ। ତେବେ ବିଳମ୍ବ ହେଲେ ମଧ୍ୟ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯିବା ସହ ପୁରାତନ କେନାଲର ପୁନଃଉଦ୍ଧାର ପାଇଁ ପଦକ୍ଷେପ ନିଆଯାଇଛି । ତେଣୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଏହାଦ୍ୱାରା ଦୀର୍ଘ ଦିନର ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି । ଉଚ୍ଛେଦ କାର୍ଯ୍ୟକ୍ରମରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅଚ୍ୟୁତାନନ୍ଦ ଜାନୀଙ୍କ ସମେତ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ଉପସ୍ଥିତ ଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

## ■ ୪ମାସ ହେଲା ସରିଲାଣି ନିର୍ବାଚନ

# କାମ କରି ଏଯାଏ ମିଳିନି ବକେୟା ପ୍ରାପ୍ୟ

**ମାଲକାନଗିରି,୧୪।୯ (ସ୍ୱ.ପ୍ର.)**

ଚଳିତବର୍ଷ ମାଲକାନଗିରି ଜିଲାରେ ସାଧାରଣ ନିର୍ବାଚନ-୨୦୧୯ ସମୟରେ ନିକଟସ୍ଥ ଗଙ୍ଗଲା ଗ୍ରାମର ଜେମ୍‌ସ ମାଝି ଡ଼ାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ପାଇ ଜିଲା କାର୍ଯ୍ୟାଳୟ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିଥିଲେ। ସେ ଗତ ଫେବୃୟାରୀରୁ ମେ ମାସ ଶେଷ ଯାଏ ୪ ମାସ କାର୍ଯ୍ୟ କରିଛନ୍ତି। ମାତ୍ର ୮ହଜାର ଟଙ୍କା ଦେଇ ଜିଲା ନିର୍ବାଚନ କାର୍ଯ୍ୟାଳୟ ଜେମ୍‌ସଙ୍କ ଆଉ ବକେୟା ଟଙ୍କା ଦେଉନାହାନ୍ତି। ଏନେଇ ଅନେକ ଥର ଜେମ୍‌ସ ବଳକା ପ୍ରାପ୍ୟ ପାଇଁ ଜିଲାପାଳ ଓ ନିର୍ବାଚନ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। କେବେ ଆଜି କାଲି କହି କେତେବେଳେ ଜିଲାପାଳ ଛୁଟିରେ ଯାଇଛନ୍ତି ତ କେବେ ଆମେ ଜିଲାପାଳଙ୍କ ପାଖକୁ ଫାଇଲ ପଠେଇଛୁ କହି ତାଙ୍କୁ ଠକି ଚାଲିଛନ୍ତି। ଜିଲାପାଳ ଏ ଦିଗରେ ହସ୍ତକ୍ଷେପ କରି ଜେମ୍‌ସଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

### ଖଣି ଖନନକୁ ନେଇ କଂଗ୍ରେସ-ଭାଜପା ମୁହାଁମୁହିଁ

**ଏମଭି ୭୯,୧୪।୯(ଡି.ଏନ.ଏ.)**

ମାଲକାନଗିରି ଜିଲ୍ଲାରେ ଗ୍ରାନାଇଟ ଖନନକୁ ନେଇ ଦୁଇ ରାଜନୈତିକ ଦଳ ମୁହାଁମୁହିଁ । ହୋଇଛନ୍ତି। କିଏ ଖଣି ସପକ୍ଷରେ ଯୁକ୍ତି ବାଢୁଛି ତ ଆଉ କିଏ ଖନନ ବିପକ୍ଷରେ ରହିଛି। । ଲିଜ ପରିଧି ବାହାରକୁ ଯାଇ କମ୍ପାନୀ ଖଣି ଖନନ କରିବା ସହ ବେଆଇନ ଭାବେ ଗ୍ରାନାଇଟ ଚଲାଣ କରୁଥିବା ଜିଲା କଂଗ୍ରେସ ଅଭିଯୋଗ କରିଛି । ମାତ୍ର ଭାଜପା କମ୍ପାନୀ ନିୟମ ଭିତରେ ରହିଥିବା କହିଛି । ଅନ୍ୟପକ୍ଷରେ ପ୍ରଥମ ଥର ମାଲକାନଗିରି ଜିଲାରେ ଖଣି ଖନନ ଆରମ୍ଭ ହୋଇଥିବାରୁ ଏହାକୁ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିଛନ୍ତି। କଂଗ୍ରେସ ଅଭିଯୋଗର ଜବାବ ରଖିବାକୁ ଯାଇ ମାଲକାନଗିରି ବିଧାୟକ ଆଦିତ୍ୟ ମାଢିଙ୍କ ନେତୃତ୍ୱରେ ଏକ ଟିମ୍ ଖଣି ଅଞ୍ଚଳ ଗସ୍ତ କରି ଖଣି ଖନନ ସପକ୍ଷରେ ଯୁକ୍ତି ଦର୍ଶାଇ କହିଛନ୍ତି ଯେ, କଂଗ୍ରେସ ମନ୍ଦ ଉଦ୍ଦେଶ୍ୟ ରଖି ଏପରି ଅଭିଯୋଗ ଆଣୁଛି। ମାଲକାନଗିରି ଜିଲା ମୋଟୁ ତହସିଲ ଅନ୍ତର୍ଗତ ପେଟା ଗ୍ରାମରେ ଏହି ଖଣି ଖନନ ଚାଲିଛି । ଭି.ଜି. ଗ୍ରାନାଇଟସ୍ନ ନାମକ ଏକ ଘରୋଇ କମ୍ପାନୀ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକ ଓ ଶ୍ରମିକଙ୍କୁ ଧରି ଏହି ଗ୍ରାନାଇଟ ଖଣି ଖନନ କରୁଛି । ଖଣି ଖନନକୁ ବିରୋଧ କରି ପୂର୍ବତନ ଏମପି ତଥା କଂଗ୍ରେସ ନେତା ପ୍ରଦୀପ ମାଝି କହିଛନ୍ତି ଯେ, ସଂପୃକ୍ତ କମ୍ପାନୀ ଖଣି ଅଞ୍ଚଳରୁ ଗଛ କାଟି ସଫା କରିଦେଉଛି। କମ୍ପାନୀର ପରିବେଶ ମଞ୍ଜୁରି ନ ଥିବା ବେଳେ ବିନା କାଗଜ ପତ୍ରରେ ଆନ୍ଧ୍ର ଦେଇ ବିଦେଶକୁ ଗ୍ରାନାଇଟ ଚାଲାଣ କରୁଛି। ଏଠାରୁ କେତେ ପରିମାଣର ଗ୍ରାନାଇଟ ଖନନ ହେଲାଣି ଏନେଇ ଜିଲା ପ୍ରଶସନ କି ଖଣି ବିଭାଗ କାହା ପାଖରେ ଖବର ନ ଥିବା ସେ ଅଭିଯୋଗ କରିଛନ୍ତି।

# ରାସ୍ତା ଖରାପକୁ ଦାୟୀ କରି ସରପଞ୍ଚଙ୍କୁ ଘେରିଲେ ଗ୍ରାମବାସୀ

**ମାଲକାନଗିରି,୧୪।୯(ଡି.ଏନ.ଏ.)**


ସରପଞ୍ଚଙ୍କୁ ଲୋକମାନେ ଘେରିଛନ୍ତି ।

ମାଲକାନଗିରି ଜିଲା ଶିଖପାଲ୍ଲୀଠାରୁ ୩୦ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଫଳରେ ଯାତାୟାତ ଲାଗି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ନେଇ ଶନିବାର ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଘେରିଛନ୍ତି। ଖବରରୁ ଜଣାପଡିଛି ଗତବର୍ଷ ଏହି ରାସ୍ତା କାର୍ଯ୍ୟ ପୂର୍ତ୍ତ ଏବଂ ଗୃହ ନିର୍ମାଣ ବିଭାଗ ଦ୍ୱାରା ତିଆରି ହୋଇଥିଲା। ମାତ୍ର ବର୍ଷେ ନ ପୂରୁଣୁ ଅନେକ ସ୍ଥାନରେ ରାସ୍ତାରୁ ପିଚୁ ଉଠିଯିବା ସହ ବର୍ଷା ହେଲେ ରାସ୍ତା କାଦୁଅ ହୋଇଯାଉଛି। ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ପ୍ରଶାସନ ଦୃଷ୍ଟି ଦେଉନାହିଁ। ଶନିବାର ନିଳିଗୁଡା ଗ୍ରାମବାସୀ ସରପଞ୍ଚ ବୁଦ୍ରା କାର୍ତ୍ତାମୀଙ୍କୁ ରାସ୍ତାରେ ଅଟକାଇ ଠେଲାପେଲା କରି ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସରପଞ୍ଚ ଜଣେ ଜନ ପ୍ରତିନିଧି ହୋଇ ସେ କାହିଁକି ପଦକ୍ଷେପ ନେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଉପରେ ପଡିଆ ଏବଂ ମାଲକାନଗିରି ବ୍ଲକର ୫ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଏନେଇ ସରପଞ୍ଚ କାର୍ତାମୀ କହିଛନ୍ତି ଯେ, ସେ ଏହି ରାସ୍ତା ବିଷୟରେ ଅନେକ ଥର ସମ୍ପୃକ୍ତ ବିଭାଗ, ଜିଲା ପ୍ରଶାସନଙ୍କୁ ଜଣାଇବା ସହ ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଅଭିଯୋଗ କରିଛନ୍ତି। ମାତ୍ର ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ସେ ଲୋକଙ୍କ ରୋଷର ଶିକାର ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଦଣ୍ଡକାରଣ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ୧୯୬୫ରୁ ଏହି ରାସ୍ତା ହୋଇଥିଲା। ଉକ୍ତ ରାସ୍ତା ଦେଇ ରାଜ୍ୟ ସଡକ ପରିବହନର ଏକ ବସ୍ ମଧ୍ୟ ଯାତାୟାତ କରୁଥିଲା। ଦଣ୍ଡକାରଣ୍ୟ ପ୍ରକଳ୍ପ ବନ୍ଦ ହେବା ପରେ ଏହି ରାସ୍ତା ପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି। ଅନେକ ବର୍ଷ ପରେ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁ ବର୍ଷେ ନ ହେଉଣୁ ରାସ୍ତାରୁ ପିଚୁ ଉଠିଗଲାଣି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ସେପ୍ଟେମ୍ବର ୧୫/୨୦୧୯ Rayagada, Sunday, September 15 / 2019

## ସଂକ୍ଷେପରେ



## ବ୍ଲକସ୍ତରୀୟ ସ୍ୱଚ୍ଛତା ପକ୍ଷ

**ତେନ୍ତୁଳିଖୁଣ୍ଟି,୧୪।୯(ଡି.ଏନ.ଏ):** ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟିରେ ବ୍ଲକସ୍ତରୀୟ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ତେନ୍ତୁଳିଖୁଣ୍ଟି ସ୍ଥିତ ନୋଡାଲ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା କିଭଳି ପରିବେଶ ସ୍ୱଚ୍ଛ ରଖିବା ସହ ସମାଜକୁ ରୋଗମୁକ୍ତ ରଖି ପାରିବା ବାର୍ତ୍ତା ଥିବା ପୋଷ୍ଟର ଛାତ୍ରୀଛାତ୍ରମାନେ ଧରି ତେନ୍ତୁଳିଖୁଣ୍ଟି ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଡ୍ୟାନ୍ସ ପ୍ରତିଯୋଗିତା, ଡ୍ରଇଁ, ପତ୍ରଲିଖନ, ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଡ୍ୟାନ୍ସ ପ୍ରତିଯୋଗିତାରେ ପରଜା ଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଥମ, କସ୍ତୁରବା ଗାନ୍ଧୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ ୨ୟ, ବାପୁଜୀ ଉଚ୍ଚ ବିଦ୍ୟାଳୟ ତେନ୍ତୁଳିଖୁଣ୍ଟି ତୃତୀୟ ସ୍ଥାନ ଅଧିକାର କରିଛି। ଚିତ୍ରାଙ୍କନରେ ତେନ୍ତୁଳିଖୁଣ୍ଟି ବାପୁଜୀ ଉଚ୍ଚ ବିଦ୍ୟାଳୟ ,ପତ୍ରଲିଖନରେ ପୂଜାରିଗୁଡା ଉନ୍ନତି ଉଚ୍ଚ ବିଦ୍ୟାଳୟ ଏବଂ ବକ୍ତୃତାରେ କୁକୁଡାବାଇ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପତ୍ରଲିଖନରେ ସୁନେଲି କର୍କରା, ତ୍ରିନାଥ ଜାନୀ, ମୃତ୍ୟୁଞ୍ଜୟ ବିଶୋଇ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ପ୍ରବନ୍ଧରେ ବିଷ୍ଣୁ ପ୍ରିୟା ଶତପଥୀ, ବାବୁଲା ହରିଜନ, ମୁନା ପାଇକ ପ୍ରଥମ, ୨ୟ ଓ ୩ୟ ସ୍ଥାନ ପାଇଥିଲେ। ବକ୍ତୃତାରେ ପ୍ରବୀଣ ଖୁରା, ବାବୁଲା ହରିଜନ, ବିଷ୍ଣୁ ପ୍ରିୟା ଶତପଥୀ ପ୍ରଥମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିଲେ। ଉଦଯାପନି ସଭାରେ ମୁଖ୍ୟଅତିଥି ଭାବେ ବିଇଓ ଟି. ମିନତୀ,ସମ୍ମାନୀତ ଅତିଥି ଭାବେ ଏବିଇଓ ସୁଦର୍ଶନ ନାୟକ, ମୋହନ ମଧୁସୂଦନ ବାଘ, ହେଲେନ ସୁନା ଉପସ୍ଥିତ ଥିଲେ। ସିଆରସିସି ଆନନ୍ଦ ନେପାକ, ଅନୁପମା ନାୟକ, ଡମ୍ବରୁ ହରିଜନ, ସୁଭାସିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଆନନ୍ଦ ଭତ୍ରା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପାଳକୃଷ୍ଣ ନାୟକ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ମହାବିଦ୍ୟାଳୟସ୍ତରରେ ଦିବ୍ୟାଙ୍ଗ ଛାତ୍ରୀ ଭୋଗୁଛନ୍ତି ସମସ୍ୟା

# ପଢ଼ିବା ପାଇଁ ଦିଆଯାଉନି ସ୍ୱତନ୍ତ୍ର ତାଲିମ

**ନବରଙ୍ଗପୁର,୧୪।୯(ବି.ପ୍ର.)**

ଦିବ୍ୟାଙ୍ଗ ଛାତ୍ରୀଛାତ୍ର କଲେଜ ସ୍ତରରେ କିଭଳି ପାଠ ପଢିବେ ସେଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଉ ନାହିଁ। ସେହିପରି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ କିଭଳି ପାଠ ପଢାଯିବ ଅଧାପକ ଅଧାପିକାଙ୍କୁ ତାଲିମ ଦିଆଯାଉ ନାହିଁ। କ୍ଲାସରେ ଦିବ୍ୟାଙ୍ଗଙ୍କୁ କେଉଁ ଢାଞ୍ଚାରେ ପାଠପଢା ହେବ ତାହା ହୋଇ ପାରୁ ନାହିଁ। ଫଳରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ପାଠ ପଢିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଠ ପଢିବା ବେଳେ ଦିବ୍ୟାଙ୍ଗ ଛାତ୍ରୀମାନେ ସହପାଠୀନୀଙ୍କ ଉପରେ ଭରସା କରୁଛନ୍ତି। ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଏକାଦଶ ଶ୍ରେଣୀରେ ପଢୁଥିବା ୩ ଜଣ ଛାତ୍ରୀ ଏହିଭଳି ସମସ୍ୟା ସମ୍ମୁଖୀନ ହେଉଛନ୍ତି। ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଏକାଦଶ ଶ୍ରେଣୀରେ ୩ ଦିବ୍ୟାଙ୍ଗ ଛାତ୍ରୀ ରହିଛନ୍ତି। ରଜନୀ ନାୟକ ବାକ୍ ଓ ଶ୍ରବଣ ବାଧିତ ହୋଇଥିବା ବେଳେ ଜ୍ୟୋତି ପାଢୀ ଓ ପୁନମ ହରିଜନ ଶ୍ରବଣ ବାଧିତ । ପାଠପଢା ସମୟରେ ଅଧାପିକାମାନେ ଯାହା ପାଠ ପଢାଉଛନ୍ତି ତାହା ସେମାନେ ଠିକ ଭାବେ ବୁଝି ପାରୁ ନାହାନ୍ତି । କ୍ଲାସରେ ଅଧାପିକାମାନେ ଯାହା ନୋଟ ଡାକୁଛନ୍ତି ତାହା ଲେଖିବା ପାଇଁ ଦିବ୍ୟାଙ୍ଗ ଛାତ୍ରୀମାନେ ସହପାଠିନୀଙ୍କ ସହଯୋଗ ଲୋଡିବାକୁ ବାଧ ହେଉଛନ୍ତି । ସହପାଠିନୀଙ୍କ ନୋଟବୁକ ନେଇ ଦିବ୍ୟାଙ୍ଗ ଛାତ୍ରୀମାନେ ଲେଖୁଛନ୍ତି । ପାଠପଢି ନିଜେ ଆତ୍ମନିର୍ଭରଶୀଳ ହେବାର ସ୍ୱପ୍ନ ଏମାନଙ୍କ ପାଇଁ କ୍ଷୀଣ ହୋଇ ଯାଉଛି। ଅନ୍ୟ ପକ୍ଷେ ୩ ଦିବ୍ୟାଙ୍ଗ ଛାତ୍ରୀଙ୍କ ଶ୍ରବଣ ଯନ୍ତ୍ର ରହିଥିଲେ ହେଁ ତାହା ପୁରୁଣା ହୋଇ ଯାଇଥିବାରୁ ସେମାନେ ସେଥିରେ ଠିକ ଭାବେ ଶୁଣି ପାରୁ ନଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ ଉତ୍ତମମାନର ଶ୍ରବଣ ଯନ୍ତ୍ର ଯୋଗାଇ ଦିଆଗଲେ ପାଠପଢାରେ ଉପୁଜୁଥିବା ସମସ୍ୟାର ସମାଧାନ କିଛି ମାତ୍ରାରେ ଲାଘବ ହୋଇ ପାରନ୍ତା ବୋଲି ସେମାନେ କହିଥିଲେ । ଏନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରାଙ୍କୁ ପଚାରିବାରୁ ଶ୍ରବଣ ଯନ୍ତ୍ର ତୁରନ୍ତ ଯୋଗାଇ ଦିଆଯିବ । ଅଭିଭାବକ ଭୋଟ ପରିଚୟ ପତ୍ର ସହ ପିଲାଙ୍କୁ ନେଇ ଜିଲା ସଦର ମହକୁମା ଡାକ୍ତରଖାନାରେ ରହିଥିବା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରକୁ ଯାଇ ନୂଆ ଶ୍ରବଣ ଯନ୍ତ୍ର ପାଇ ପାରିବେ । ଏଥିରେ କୌଣସି ସମସ୍ୟା ରହିବ ନାହିଁ । ସେ ଏଥିପାଇଁ ସହଯୋଗ କରିବେ ବୋଲି କହିଛନ୍ତି । ଅନ୍ୟପକ୍ଷେ ଦିବ୍ୟାଙ୍ଗ ଛାତ୍ରୀମାନେ ବାଣିଶ୍ରୀ ଭତ୍ତା, ଯାତାୟାତ ସୁବିଧା (ବ୍ୟବସ୍ଥା) ପାଇଁ ବସ ପାସ ବ୍ୟବସ୍ଥା ରହିଛି । ସଚେତନ ଅଭାବରୁ କିଭଳି ଆବେଦନ କରିବେ ତାହା ଜାଣି ପାରୁ ନାହାନ୍ତି । ସମଗ୍ର ଶିକ୍ଷା ବ୍ୟବସ୍ଥା ମଧରେ ଚଳିତ ବର୍ଷ ଠାରୁ ଏକାଦଶ, ଦ୍ୱାଦଶ ବିଦ୍ୟାଳୟ ଗୁଡିକରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପାଠ ପଢିବା ପାଇଁ ସ୍ୱତନ୍ତ୍ର ତାଲିମ ଦିଆଯିବା ବ୍ୟବସ୍ଥା ରହିଛି । ତେବେ ହାଇସ୍କୁଲ ସ୍ତର ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପାଠପଢା ବ୍ୟବସ୍ଥା ପାଇଁ ଆନୁସଙ୍ଗିକ ସହଯୋଗ ଓ ତାଲିମ, ଅଭିଭାବକ ପରାମର୍ଶ ଆଦି ଦିଆଯାଉଛି । ଏକାଦଶ ଓ ଦ୍ୱାଦଶ ବିଭାଗ ପାଇଁ ଏଯାଏ ଏସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ଦୃଷ୍ଟି ବାଧିତ, ଶ୍ରବଣ ବାଧିତ, ମସ୍ତିଷ୍କ ପକ୍ଷାଘାତ ବାଧିତ ଆଦି ବିଭାଗରେ ୭ଜଣ ବ୍ଲକ ସ୍ତରୀୟ ଅନ୍ତର୍ନିବେଶୀ ଶିକ୍ଷକ ନିଯୁକ୍ତି ପାଇଁ ନିୟମ ରହିଛି । ସେମାନେ ତାଲିମ ଦେବେ । ତେବେ ବ୍ଲକରେ କେବଳ ଜଣେ ମାତ୍ର ଅନ୍ତର୍ନିବେଶୀ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏଥି ପ୍ରତି ସରକାର ଓ ପ୍ରଶାସନ ମଧ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି ।

### ସହପାଠିନୀ ଉପରେ ହେଉଛନ୍ତି ନିର୍ଭରଶୀଳ



ରଜନୀ ନାୟକ



ଜ୍ୟୋତି ପାଢ଼ୀ



ଏମ୍‌ପି ରମେଶ ଚନ୍ଦ୍ର ମାଝି ଛାତ୍ରୀମାନଙ୍କଠାରୁ ହଷ୍ଟେଲ ସମସ୍ୟା ପଚାରି ବୁଝୁଛନ୍ତି।

## ବଡ଼ଟେମରାକୁ ମଡେଲ୍ ପଞ୍ଚାୟତ କରାଯିବ

**ଝରିଗାଁ,୧୪।୯(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକକୁ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ ଶନିବାର ଗସ୍ତ କରିଥିଲେ। ହାତୀବାଡି ଗ୍ରାମରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ମାର୍ଚ୍ଚ ୨୦୧୬ ମସିହାରେ ଉଦଘାଟନ କରାଯାଇଥିଲେ ମଧ ତାହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ସେହି ଛାତ୍ରାବାସ କୋଠାକୁ କିପରି କାର୍ଯ୍ୟକ୍ଷମ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ। ଏହାପରେ ଏମପି ବଡଟେମରା ପଞ୍ଚାୟତରେ ସମସ୍ତ ସରକାରୀ ଯୋଜନା ଉପରେ ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ୫ଟି ସମ୍ପର୍କରେ ସଚେତନତା କରାଇଥିଲେ। ସେହିପରି ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କରାଯିବ। ସେଥିମଧ୍ୟରୁ ଆସନ୍ତା ଏକ ମାସ ମଧରେ ପଞ୍ଚାୟତ କାର୍ଯ୍ୟାଳୟ ସକାଶେ ନୂତନ କୋଠା ନିର୍ମାଣ କରାଯିବ। ସେହିପରି ପଞ୍ଚାୟତରେ ରହିଥିବା ମୁଣ୍ଡାପଦର ଏବଂ ସାନଟେମରା ସବ୍‌ସେଣ୍ଟର ଗୃହକୁ ତୁରନ୍ତ ମରାମତି କରାଯିବା ସହ ସେଠାରେ କିପରି ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କରାଯାଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ବଡଟେମରା ପଞ୍ଚାୟତର ଯେଉଁ ଗାଁ ମାନଙ୍କୁ ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ ଅତି ଶୀଘ୍ର ସେହି ଗାଁ ମାନଙ୍କରେ ବିଦ୍ୟୁତ ସେବା ପହଞ୍ଚିବ। ସେହିପରି ପଞ୍ଚାୟତବାସୀ କିପର ମୋବାଇଲ ସେବା ପାଇ ପାରିବେ ସେଥିପ୍ରତି ଏମପି ଗୁରୁତ୍ୱ ଦେଇଥିଲେ। ପଞ୍ଚାୟତର ନୁଆଗୁଡା ଏବଂ ବଡଟେମରା ଗ୍ରାମରେ ଦୀର୍ଘ ଦିନ ହେଲା ଅସମ୍ପୂର୍ଣ୍ଣ ଭାବେ ରହିଥିବା ସ୍କୁଲ ଗୃହର କାର୍ଯ୍ୟ କିଭଳି ଶେଷ ହେବ ସେଥିପ୍ରତି ଗୁରତ୍ୱ ଦେଇଥିଲେ। ଚନ୍ଦନଧାର ଶୈବ ପୀଠର ଉନ୍ନତୀ କରଣ କରାଯିବା ସହ ତାହା କିପରି ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇ ପାରିବ ସେଥିପ୍ରତି ଆଲୋଚନା କରାଯାଇଥିଲା। ବଡଟେମରା ପଞ୍ଚାୟତର ଗଳି ରାସ୍ତାରେ କିପରି କଂକ୍ରିଟ୍ ରାସ୍ତା କରାଯାଇପାରିବ ସେଥିପ୍ରତି ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେବାକୁ କହିଥିଲେ। ଆଗାମୀ ଦିନରେ ବଡଟେମରା ପଂଚାୟତକୁ ମଡେଲ ପଂଚାୟତ କରାଯିବା ବୋଲି ଏମପି କହିଥିଲେ। ଏହାପରେ ଏମପି ବଡଟେମରା ସେବାଶ୍ରମ, ଚଚା ପଞ୍ଚାୟତ ସଦର ଠାରେ ରହିଥିବା ଦୁଇ ଛାତ୍ରୀବାସକୁ ଅତର୍କିତ ଗସ୍ତକରି ଛାତ୍ରୀମାନଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ରମୁଳା ଗଣ୍ଡ, ଉପାଧକ୍ଷା ମଞ୍ଜୁଲତା ପନକା, ବଡଟେମରା ପଞ୍ଚାୟତ ସରପଞ୍ଚ , ଏବିଡିଓ ପ୍ରଫୁଲ୍ଲ କୁମାର କହଁର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳ, ପ୍ରୀୟରଞ୍ଜନ ଦାସଙ୍କ ସହ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ

**ନବରଙ୍ଗପୁର,୧୪।୯(ବି.ପ୍ର.)**

ନବରଙ୍ଗପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା କୋର୍ଟ ପରିସରରେ ଜିଲା ଜଜ୍ ଅଶୋକ କୁମାର ପଣ୍ଡାଙ୍କ ଅଧକ୍ଷତାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଅଦାଲତରେ ଜିଲା ଜଜ୍ ୫ଟି ଫୌଜଦାରୀ ମାମଲାର ଫଇସଲା କରିଥିଲେ । ପରିବାର ବିଚାର ବିଭାଗୀୟ ଜଜ୍ ବିକ୍ରମ ପ୍ରଧାନ ୭ଟି ପରିବାର ଗଣ୍ଡଗୋଳ ମାମଲାର ଆପୋଶ ମିଳାମିଶା କରାଇଛନ୍ତି। ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଆର.କେ. ମହାପାତ୍ର ୭ଟି ମାମଲାର ଫଇସଲା କରି ୭ ହଜାର ଟଙ୍କା ଜରିମନା ଆଦାୟ କରିଛନ୍ତି । ସେହିଭଳି ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମିତ କୁମାର ବାରିକ ୨୫ଟି ଫୌଜଦାରୀ ମାମଲା ଓ ଗୋଟିଏ ବାଉନସ ଚେକ କେସର ଫଇସଲା , ତିନୋଟି ଘରୋଇ ହିଂସା କେସର ଫଇସଲା ଓ ଆପୋଷ ମିଳାମିଶା କରାଇଛନ୍ତି । ଲୋକ ଅଦାଲତରେ ବ୍ୟାଙ୍କ ଗୁଡିକର ୧୨୧ଟି ପ୍ରାକ ମକଦ୍ଦମା ଫଇସଲା କରାଯାଇ ୨୬ ଲକ୍ଷ ୩୯ ହଜାର ୪ଶହ ଟଙ୍କା ଋଣ ଆଦାୟ କରାଯାଇଛି । ଏହି ଲୋକ ଅଦାଲରେ ଅତିରିକ୍ତ ଜିଲା ଜଜ୍ ପ୍ରଣୟ କୁମାର ଦାସ, ରେଜିଷ୍ଟ୍ରାର ମନୋରଞ୍ଜନ ଦାଶ, ତୃତୀୟ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବନଜା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ପ୍ରଶନ୍ନ କୁମାର ବେହେରା ପରିଚାଳନା କରିଥିବା ବେଳେ କୋର୍ଟର ଆଇନଜୀବୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।



ବିଭିନ୍ନ ମାମଲାର ଫଇସଲା କରାଯାଉଛି।

## ସ୍ୱଚ୍ଛତା ପାଇଁ ଶପଥପାଠ

**ଚନ୍ଦାହାଣ୍ଡି,୧୪।୯(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ସ୍ୱଚ୍ଛତା ଅଭିଯାନ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ବିଇଓ ଭଜନଲାଲ ମାଝି ଆରମ୍ଭ କରିଥିଲେ । ଏବିଇଓ ଦୁତିବାହନ ଖମାରୀ, ପ୍ରେମଚାନ୍ଦ ସିଂ ଧୁରୁଆ, ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତିରଣସିଂ ମାଝି, ସିଆରସିସି ହୃଷିକେଶ ସୁନାନୀ, ପର୍ଶୁରାମ ସୁନାନୀ, ବି.ଆର.ଟି. ମିଲନ କୁମାର ଷଡଙ୍ଗୀ, କିରାଣୀ ଭଗବାନ ରାଉତ, ସିମାଞ୍ଚଳ ରଥ, ସୁବାସ ସାହୁ, ଶିବୁ ଭଞ୍ଜ, ବିପ୍ଳବ ବିଶ୍ୱାସ ଭାସ୍କର ବେହେରା, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟାଳୟ ପରିସରକୁ ସଫା ସୁତୁରା କରିଥିଲେ । ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ନିଜେ ସଫା ରହିବା ସହ ବିଦ୍ୟାଳୟ, କାର୍ଯ୍ୟାଳୟ ସଫା ରଖିବା ପାଇଁ ଶପଥ ନେଇଥିଲେ ।



ଛାତ୍ରୀଛାତ୍ର ଓ କର୍ମଚାରୀ ସ୍ୱଚ୍ଛତା ପାଇଁ ଶପଥପାଠ କରୁଛନ୍ତି।

## ଭାଜପାର ସେବା ସପ୍ତାହ ଆରମ୍ଭ

**ଝରିଗାଁ,୧୪।୯(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ଭାଜପା ତରଫରୁ ସେବା ସପ୍ତାହର ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଖଡିଆଲ ବିଧାୟକ ହିତେଶ ବର୍ଗତିଙ୍କ ସହ ଜିଲା ସଭାପତି ଗୋବିନ୍ଦ କୁମାର ଜୈନ ଯୋଗ ଦେଇଥିଲେ। ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ସକାଶେ ଭାଜପାର ସେବା ସପ୍ତାହ ପାଳନ କରାଯାଉଥିବା ନେଇ ଜିଲା ସଭାପତି କହିଥିଲେ। । ଏହି ଅବସରରେ ମୁଖ୍ୟ ଅତିଥିଙ୍କ ସହ ଦଳର ସଭାପତି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ସେଠାରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ଅବସରରେ ରଜନୀକାନ୍ତ ରଥ, ଚନ୍ଦ୍ରଭାନୁ ନାୟକ, ଶ୍ୟାମ ସୁନ୍ଦର ମାଝୀ, ପ୍ରତାପ ବାଘ, ଡମ୍ବରୁ ମାଝୀ, ଚୈତନ ନଦିଆ, ନରସିଂ ଭତ୍ରା, ସୁମିତ୍ରା ମାଝୀ, ପୂର୍ଣ୍ଣ ମାଝୀ, ଉମେଶ ମାଝୀ, ଘନ ସାନ୍ତା, ନୀରାକର ମାଝୀ, ହରି ପ୍ରଧାନୀ, ଭୁବନେଶ୍ୱର ସାଗର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଭାଜପାର ସଦସ୍ୟତା ଯାଞ୍ଚ

**ଚନ୍ଦାହାଣ୍ଡି,୧୪।୯(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଜୁଲାଇ ମାସ ୬ ତାରିଖଠାରୁ ଭାଜପାର ସଦସ୍ୟତା ଅଭିଯାନ ଆରମ୍ଭ କରାଯାଇଛି। ଭାଜପାର ସଦସ୍ୟତା ଯାଞ୍ଚ କରିବା ପାଇଁ ନୂଆପଡାର ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି ଚନ୍ଦାହାଣ୍ଡି ଗସ୍ତ କରି ମାଲଗାଁ ଏବଂ ଚନ୍ଦାହାଣ୍ଡି ମଣ୍ଡଳରେ ଭାଜପାର କେତେ ସଦସ୍ୟ ହୋଇଛନ୍ତି ତାହା ଯାଞ୍ଚ କରିଛନ୍ତି। ବ୍ଲକର ୬୭ଟି ବୁଥରେ ୮ ହଜାର ନୂତନ ସଦସ୍ୟ ହୋଇଥିବା ବେଳେ ଆହୁରି ୪ହଜାର ସଦସ୍ୟତା କରିବା ପାଇଁ ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁଧର ପୂଜାରୀ, ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ବାଘ, ଯୁବନେତା ଅନ୍ତର୍ଯାମି ମନହିରା, ଯାଦବ ବଗର୍ତ୍ତୀଙ୍କ ସହ ଆଲୋଚନା କରିଛନ୍ତି ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ